# Akashvani, Sambalpur

## SAMBALPURI NEWS MORNING BULLETIN

## 29 August 2026 - 6.47- 6.52 am.

---

ମନ୍ କି ବାତ୍        ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ଦିଆନିଆ କର୍‌ବେ । ଇଟା ତାଙ୍କର୍ ଶହେ ୩୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ବୁଝାମଣାପତ୍ର ଆଇ ଆଣ୍ଡ୍ ପି.ଆର୍

ରାଜ୍ୟ ସର୍‌କାର୍‌ଙ୍କର୍ କୃଷି ବିଭାଗ୍, ଡାକ ବିଭାଗ୍- ଓଡ଼ିଶା ସର୍କଲ୍, ଇକ୍ରିସାଟ୍ ଆଉ ଏମ୍.ଏସ୍. ସ୍ୱାମୀନାଥନ୍ ରସର୍ଚ୍ଚ ଫାଉଣ୍ଡେସନ୍ ସଙ୍ଗେ ୬ ଟା ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ, କୃଷି ଆଉ କୃଷକ୍ ସଶକ୍ତିକରଣ୍ ମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍, ଇ ବୁଝାମଣା ପତ୍ର ଓଡ଼ିଶା କୃଷି କ୍ଷେତ୍ର ନ ଗୁଟେ ବଡ଼ ପରିବର୍ତ୍ତନ୍ ଆନ୍‌ବା । ଯୋଜ୍‌ନାଥି ଗ୍ରାମୀଣ୍ ଡାକ୍‌ସେବକ୍ ମାନେ ଗାଁ ଗାଁ ଯାଇକରି ଚାଷୀଙ୍କର୍ ପଞ୍ଜିକରଣ୍, କୃଷକ୍ ଆଇଡି ତିଆରି, ସି.ଏମ୍. କିଷାନ୍, ପି.ଏମ୍. କ୍ବିନ୍ ଇ କେଓ୍ୱାଇସି ଆଉ ଆଧାର୍ ସଂଯୋଗୀକରଣ୍ ବାଗିର୍ ସୁବିଧା ଯୁଗେଇ ଦେବେ । ଇକ୍ରିସାଟ୍ ସାଙ୍ଗେ ହେଇଥିବା ୪ ଟା ବୁଝାମଣା ଜରିଏ ଦାଏଲ୍, ଚନାଦାଏଲ୍, ମଟର୍ ଚନା, ରାହାଡ଼ି ଦାଏଲ୍, ମୁଖ୍‌ଫଲି, ରାଏଶ୍ ଫସଲ୍‌ର ଉନ୍ନତ ଆଉ ଜଲ୍‌ବାୟୁ ସହନଶୀଳ ବିହନ୍ ତିଆର୍ କରାଯିବା ।

ମୁଖ୍ୟ ଶାସନ୍ ସଚିବ ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ରାଏଜେ ଆଏବା ୩୧ ତାରିଖ୍ ଦିନ ପାଲିତ୍ ହେବାର୍‌କେ ଥିବା ସ୍ୱାୟତ ଶାସନ୍ ଦିବସ୍‌ର ପ୍ରସ୍ତୁତି ଆଉ ବ୍ୟବସ୍ଥା ବାବ୍‌ଦେ ଗୃହ ନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଉଷା ପାଢ଼ୀ ଗଲାକାଏଲ୍ ସମୀକ୍ଷା କରିଛନ୍ । ଶ୍ରୀମତୀ ପାଢ଼ୀ ବୈଠକ୍‌ଥି ପ୍ରସ୍ତାବିତ୍ କାର୍ଯ୍ୟକ୍ରମ୍ ଆଉ ଭିନ୍ ଭିନ୍ ବ୍ୟବସ୍ଥାର୍ ଏଜେଣ୍ଡାର ସମୀକ୍ଷା କରିକରି ଅନୁଷ୍ଠାନିକ୍ କାର୍ଯ୍ୟକ୍ରମ୍ ଲୁକ୍‌କର୍ ଲାଗି ଭିନ୍ ଭିନ୍ ନାଗରିକମୁଖୀ ପଦକ୍ଷେପ୍, ଜନ ଭାଗିଦାରୀତା ପ୍ରଚାର୍ ପସାର୍ ଆଉ ଅଲ୍‌ଗା ଅନୁସଙ୍ଗୀକ୍ ବିଷେ ଉପ୍‌ରେ ଆଲୋଚନା କରିଥିଲେ । ଭିନ୍ ଭିନ୍ ବିଭାଗ୍, ସାମିଲ୍ ଥିବା ସଂସ୍ଥା ଆଉ ପୌରାଂଚଲ୍ ଭିତ୍‌ରେ ସମନ୍ୱୟ ରଖିକରି କାର୍ଯ୍ୟକ୍ରମ୍‌କେ ସଫଲ୍ କର୍‌ବାର୍ ଉପ୍‌ରେ ଶ୍ରୀମତୀ ପାଢ଼ୀ ଜୋର୍ ଦେଇଥିଲେ ।

ଜାତୀୟ କ୍ରୀଡ଼ା ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଖେଲ୍‌ବା ଭାରତ୍- ଜିତ୍‌ବା ଭାରତ୍ ବାର୍ତା ନେଇକରି ଆଏଜ୍ ଜାତୀୟ କ୍ରୀଡ଼ା ଦିବସ୍ ପାଲନ୍ କରାଯାଇଛେ । ଜାତୀୟ ଖେଲ୍

ହକିର କିମ୍ବଦନ୍ତୀ ପୁରୁଷ ଧ୍ୟାନ୍‌ଚାନ୍ଦ୍‌ଙ୍କୁ ସମ୍ମାନ୍ ଜନେଇକରି ଫି ବଛର୍ ଆଝିର୍ ଦିନ୍‌କେ ଜାତୀୟ କ୍ରୀଡ଼ା ଦିବସ୍ ଭାବେ ପାଲନ୍ କରାଯାଏସି ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ବାର୍ତାଥି କହିଛନ୍ ଯେ, ହକିର କିମ୍ବଦନ୍ତୀ ଯାଦୁକର୍ ମେଜର୍ ଧ୍ୟାନ୍‌ଚାନ୍ଦ୍‌ଙ୍କର୍ ଅସାଧାରଣ୍ କ୍ରୀଡ଼ା ନୈପୁଣ୍ୟ ଆଏଜ୍ ଫି' କ୍ରୀଡ଼ାବିତ୍‌ମାନ୍‌କର୍ ଲାଗି ପ୍ରେରଣାର୍ ଉତ୍ସ ହେଇଛେ । ଗୁଟେ ବର୍‌କସ୍ କ୍ରୀଡ଼ା ସଂସ୍କୃତି ସୃଷ୍ଟି କରିକରି ସମୃଦ୍ଧ ଓଡ଼ିଶା ୨୦୩୬ ଆଉ ବିକଶିତ୍ ଭାରତ୍ ୨୦୪୭ ଟା ଲକ୍ଷ୍ୟ ପୂରଣ୍ ଦିଗେ ଉଦ୍ୟମ୍ ଜାରି ରଖିବାର୍‌କେ ମୁଖ୍ୟମନ୍ତ୍ରୀ କହିଛନ୍ ।

ସିଟିଟିସି-ଗ୍ରୀଷ୍ମକାଳୀନ୍ ଇଂଟନ୍‌ସିପ ପି.ଆଇ.ବି.

ଭୁବ୍‌ନେଶ୍ୱର୍ ସେଂଟ୍ରାଲ୍ ଟୁଲ୍ ରୁମ୍ ଏଣ୍ଡ ଟ୍ରେନିଂ ସେଂଟର୍ - ସିଟିଟିସି ତର୍‌ଫୁ ଗ୍ରୀଷ୍ମକାଳୀନ୍ ଇଂଟନ୍‌ସିପ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇଥି ଦେଶର୍ ୨୨ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଇଲାକାର୍ ୮ ହଜାର୍ ୮୩ ଝନ୍ ଛାତ୍ରଛାତ୍ରୀଙ୍କୁ ଉଦ୍ୟୋଗ୍ ଉପଯୋଗୀ ଆଉ ବ୍ୟବହାରିକ୍

ତାଲିମ୍ ଦିଆଯାଇଛେ । ଇ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ସଦାନ୍ ଆଉ ୟେମେନ୍ ନୁ ଆସିଥିବା ୨୬ ଝନ୍ ଅନ୍ତର୍ଜାତୀୟ ଛାତ୍ରଛାତ୍ରୀ ଭିଲ୍ ଯୋଗ୍ ଦେଇଥିଲେ ।

ଗଙ୍ଗାଧର୍ ଜୟନ୍ତୀ          ଆଇ ଆଣ୍ଡ୍ ପି.ଆର୍

ସ୍ୱଭାବ୍ କବି ଗଙ୍ଗାଧର୍ ମେହେର୍‌ଙ୍କର୍ ଲେଖାଥି ପ୍ରକୃତି ଆଉ ମାନବୀୟ ଚେତନାର୍ ଅପୂର୍ବ ସଂଗମ୍ ଫି’ ଓଡ଼ିଆଙ୍କର୍ ଲାଗି ଗୌରବ୍‌ର ବିଷେ ବଲି ସଂସ୍କୃତି ଆଉ ଉଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ବର୍‌ଗଡ଼୍ ଜିଲ୍ଲା ବର୍‌ପାଲି ଠାନେ ହେଇଥିବା ସ୍ୱଭାବ୍ କବି ଗଙ୍ଗାଧର୍ ମେହେର୍‌ଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶ୍ରୀ ସୂରଜ୍ ଗଙ୍ଗାଧର୍‌ଙ୍କର୍ କାବ୍ୟ ଆଉ ସାହିତ୍ୟ ଓଡ଼ିଆ ସଂସ୍କୃତିର୍ ଅମୂଲ୍ୟ ସମ୍ପତି ବଲି କହିଛନ୍ । ଓଡ଼ିଶା ସାହିତ୍ୟ ଏକାଡେମୀ ଆଉ ବର୍‌ପାଲି ଗଙ୍ଗାଧର୍ ମେହେର୍ କ୍ଲବ୍ ତର୍‌ଫୁ ହେଇଥିବା ଇ ସମାରୋହଥି ବର୍‌ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍, ବିଜେପୁର୍ ବିଧାୟକ୍ ସନତ୍ କୁମାର୍ ଗଡ଼୍‌ତିଆ ଓଡ଼ିଆ ବିଶ୍ୱବିଦ୍ୟାଲୟର୍ କୁଳପତି ଡ.

ସତ୍ୟନାରାୟଣ୍ ଆଚାର୍ଯ୍ୟ, ଡାକ୍ତର୍ କୃଷ୍ଣକେଶବ୍ ଷଡ଼ଙ୍ଗୀ, ପ୍ରମୁଖ୍ ଯୋଗ୍ ଦେଇକରି କବିଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଥିଲେ ।

ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ୍ ଆଇ ଆଣ୍ଡ୍ ପି.ଆର୍

କ୍ରୀଡ଼ା ଆଉ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ବର୍ଗଡ଼୍ ବିଜୁ ପଟ୍ଟନାୟକ୍ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ଗଲାକାଏଲ୍ ହେଇଥିବା ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ୍ -୨୦୨୬ ସମାରୋହଥି ଯୋଗ୍ ଦେଇକରି ମହାନ୍ ହକି ଖେଲାଲି ଧ୍ୟାନ୍‌ଚାନ୍ଦ୍‌ଙ୍କର୍ ପ୍ରତିମୂର୍ତ୍ତିଥି ଫୁଲ୍‌ମାଲ୍ ଦେଇକରି ଶ୍ରଦ୍ଧାଞ୍ଜଳି ଜନେଇଥିଲେ । ଜିଲ୍ଲାର୍ କ୍ରୀଡ଼ାବିତ୍ ଆଉ ମାଇ ଭାରତ୍ ଭଲେଂଟିଅର୍ ମାନ୍‌କର୍ ସାଙ୍ଗେ ଆଲୋଚନା କରିକରି ନିଷ୍ଠା ଆଉ ସଂକଳ୍ପ ର୍ ସହେତେ କ୍ରୀଡ଼ା କ୍ଷେତ୍ର ନ ଆଗ୍‌କେ ବଢ଼୍‌ବାର୍‌କେ ପ୍ରୋତ୍ସାହିତ୍ କରିଥିଲେ । ଝାର୍‌ବନ୍ଧ୍ ବ୍ଲକ୍‌ର ଶିକାରୀପାଲି ଲାଲ୍‌ବାହାଦୂର୍ ଶାସ୍ତ୍ରୀ କ୍ଲବ୍ ଆଉ ପାଇକ୍‌ମାଲ୍ ବ୍ଲକ୍‌ର ଭଗତ୍‌ପୁର୍ ଠାନେ ଥିବା ମା ବନ୍ଧ୍ୟବାସିନୀ କ୍ରୀକେଟ୍ କ୍ଲବ୍‌କେ ୫୦ ହଜାର୍ ଟଙ୍କା ଲେଖାର କ୍ରୀଡ଼ା ସାମଗ୍ରୀ ଦିଆଯାଇଥିଲା ।

ଜାତୀୟ କ୍ରୀଡ଼ା ଦିବସ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ପ୍ରଶାସନ୍‌ର ଜିଲ୍ଲା କ୍ରୀଡ଼ା ବିଭାଗ୍ ଆଉ କ୍ରୀଡ଼ା ସଂଘ ତରଫୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ଜାତୀୟ କ୍ରୀଡ଼ାଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କର୍ ଦେଖିରେଖିଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ରେବେକା ବିଲୁଙ୍ଗ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଖେଲାଲିମାନେ ହକି, କବାଡ଼ି ବାଗିର୍ ଭିନ୍ ଭିନ୍ ଖେଲ୍ ପ୍ରଦର୍ଶନ୍ କରିଥିଲେ ।

ପାଣିପାଗ/ହୀରାକୁଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ର ପ୍ରଭାବ୍‌ଥି ବାଲେଶ୍ୱର୍, କେନ୍ଦୁଝର୍ ଆଉ ମୟୁର୍‌ଭଞ୍ଜ ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତରଫୁ ସତର୍କ କରାଯାଇଛେ । ସେନ୍ତା ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍,

ଦେବ୍‌ଗଡ଼୍ ସହେତେ ୧୪ ଟା ଜିଲ୍ଲା ନ ମଧମ ଆଉ ଧରଣ୍‌ର ବର୍ଷା ହେବା ବଲି ସତର୍କ ସୂଚ୍‌ନା ଜାରି କରାଯାଇଛେ ।
ପାଣିପାଗ୍ ବିଭାଗ୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ବଙ୍ଗୋପ୍ ସାଗର୍ ନ ଆଉ ଗୁଟେ ଘୂର୍ଣ୍ଣିବଲୟ ହେବାର୍ ସମ୍ଭାବନା ରହିଛେ । ରଏବାର୍ କି ସୋମ୍‌ବାର୍ ଆଡ଼େ ଇଟା ଲଘୁଚାପ୍‌ଥି ବଦ୍‌ଲିପାରେ ।